ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ

ଗଡିବା ଏକ ଉନ୍ନତ ଜୀବନ

# ଋଣଦାତାଙ୍କ ପାଇଁ ନିରପେକ୍ଷ ଆଚରଣ ସଂହିତା

**କର୍ପୋରେଟ୍ କାର୍ଯ୍ୟାଳୟ ଠିକଣା:**
**ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**
**ଗ୍ରେପ୍ ଗାର୍ଡେନ୍, ନମ୍ବର 27, 3ୟ ଏ କ୍ରସ୍, 18ତମ ମେନ୍,**
**କୋରମଙ୍ଗଳା ଷ୍ଟେ ବ୍ଲକ୍, ବେଙ୍ଗାଲୁରୁ - 560 095**

**ଏହି ଦଲିଲ କେବଳ ଆଭ୍ୟନ୍ତରୀଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏବଂ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ସମ୍ମତି ବ୍ୟତୀତ କୌଣସି ପ୍ରକାରେ ପୁନଃଉପସ୍ଥାପନ କରାଯିବ ନାହିଁ ।**

## ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଋଣଦାତାଙ୍କ ପାଇଁ ନିରପେକ୍ଷ ଆଚରଣ ସଂହିତା ("ନିରପେକ୍ଷ ଆଚରଣ ସଂହିତା")

ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ("ବ୍ୟାଙ୍କ୍") ପାଇଁ ନିରପେକ୍ଷ ଆଚରଣ ସଂହିତା ଆବଶ୍ୟକ କରିଥାଏ ବ୍ୟାଙ୍କ୍ ସହିତ ବ୍ୟାଙ୍କର ଋଣଗ୍ରହିତାଙ୍କର କାରବାରରେ ସ୍ୱଚ୍ଛତା ଓ ସ୍ପଷ୍ଟତା ପ୍ରଦାନ କରିବା ପାଇଁ। ଏହି ମାର୍ଗଦର୍ଶିକାଗୁଡ଼ିକ କେବଳ ବ୍ୟାଙ୍କର ଘରୋଇ ବ୍ୟାଙ୍କିଙ୍ଗ୍ ବ୍ୟବସାୟ ସମ୍ପର୍କିତ ହୋଇଥାଏ।
ଏହି ବ୍ୟାଙ୍କର ନୀତି ହେଉଛି ଏହାର ସମସ୍ତ କ୍ଲାଏଣ୍ଟ/ ଗ୍ରାହକମାନଙ୍କୁ ସମାନ ପ୍ରକାରର ଏବଂ ନିରପେକ୍ଷ ଆଚରଣ ପ୍ରଦର୍ଶନ କରିବା। ଏହି ବ୍ୟାଙ୍କ୍‌ର କର୍ମକାରୀ ନିରପେକ୍ଷ, ସମଦର୍ଶୀ ଏବଂ ସୁସଂଗତ ଶୈଳୀରେ ସହାୟତା, ଉତ୍ସାହ ଏବଂ ସେବା ପ୍ରଦାନ କରିବେ। ଏହି ନିରପେକ୍ଷ ଆଚରଣ ସଂହିତା ଏହି ବ୍ୟାଙ୍କର ସମସ୍ତ ଗ୍ରାହକଙ୍କ ପାଇଁ ଏହାର ଶାଖାଗୁଡ଼ିକରେ ଏବଂ ଏହାର ୱେବସାଇଟରେ , ସମ୍ପ୍ରତି www.ujjivansfb.in ("ଏହି ୱେବସାଇଟ୍")ରେ ଉପଲବ୍ଧ କରାଯିବ।

**ଭେଦଭାବ - ବିହୀନ ନୀତି**

ଏହି ବ୍ୟାଙ୍କ ଏହାର ଗ୍ରାହକମାନଙ୍କ ମଧ୍ୟରେ ବଂଶୋଦ୍ଭବତା, ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ବୈବାହିକ ସ୍ଥିତି, ବୟସ (ସାବାଳକତ୍ୱରୁ ଅଧିକ), ଆର୍ଥିକ ସ୍ଥିତି କିମ୍ବା ଶାରୀରିକ ଭିନ୍ନକ୍ଷମତା ଭିତ୍ତିରେ ଭେଦଭାବ କରିବ ନାହିଁ।

**ଡାଇରେକ୍ଟ ସେଲିଂ ଏଜେଣ୍ଟସ୍ ("ଡିଏସଏ") ମାନଙ୍କ ପାଇଁ ଆଚରଣ ସଂହିତା**

ଏହି ବ୍ୟାଙ୍କ୍ ଡିଏସଏମାନଙ୍କ ପାଇଁ ନିମ୍ନରେ ଦିଆଯାଇଥିବା ଆଚରଣ ସଂହିତା ପାଳନ କରିବ ଏବଂ ଉକ୍ତ ଡିଏସଏଙ୍କ ସହିତ ରାଜିନାମାରେ ଏହାକୁ ଅନ୍ତର୍ଭୁକ୍ତ କରିବ । ଯେହେତୁ ବ୍ୟାଙ୍କର ଋଣ ପ୍ରଦାନ ବ୍ୟବସ୍ଥା, ଡିଜିଟାଲ୍ ଫିନଟେକ୍ ପାର୍ଟନରସିପ୍ ଦ୍ୱାରା ସୋର୍ସ କରାଯାଇଥାଏ ସେଗୁଡ଼ିକୁ ମଧ୍ୟ ଡିଏସଏ ଭାବରେ ବର୍ଗୀକୃତ କରାଯାଇଥାଏ, ନିମ୍ନରେ ଦିଆଯାଇଥିବା ଆଚରଣ ସଂହିତା ଡିଜିଟାଲ୍ ଋଣ ପ୍ରଦାନ ପାଇଁ ବ୍ୟାଙ୍କର ଫିନଟେକ୍ ପାର୍ଟନର ପ୍ରଦାନ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ଏହି ବ୍ୟାଙ୍କ ସାମ୍ପ୍ରତିକ ବ୍ୟବସାୟ ମଡେଲ ସହିତ ସମଯୋଜିତ କରିବ ଆଇବିଏ ଦ୍ୱାରା ଡିଏସଏମାନଙ୍କ ପାଇଁ ପ୍ରସ୍ତୁତ ଆଦର୍ଶ ଆଚରଣ ସଂହିତା ଗ୍ରହଣ କରିଥିଲା । ଆଦର୍ଶ ଆଚରଣ ସଂହିତାର ଅନ୍ୟାନ୍ୟ ଦିଗଗୁଡ଼ିକୁ ମଧ୍ୟ ଗ୍ରହଣ କରାଯିବ ଯେତେବେଳେ କି ବ୍ୟାଙ୍କ୍ ଯଥାର୍ଥ ବ୍ୟବସାୟ ମଡେଲରେ କାର୍ଯ୍ୟ କରିଥାଏ ।

- ନିମ୍ନରେ ଦିଆଯାଇଥିବା ପରିସ୍ଥିତି ଅଧୀନରେ କେବଳ ବ୍ୟାଙ୍କର ଉତ୍ପାଦ ସୋର୍ସ କରିବା ପାଇଁ ଜଣେ ସମ୍ଭାବ୍ୟ ଗ୍ରାହକଙ୍କ ସହିତ ଯୋଗାଯୋଗ କରାଯିବ ।

- ଯେତେବେଳେ କି ସମ୍ଭାବ୍ୟ ଗ୍ରାହକ ୱେବସାଇଟ୍ ମାଧ୍ୟମରେ କିମ୍ବା ବ୍ୟାଙ୍କର କଲ୍ ସେଣ୍ଟର ମାଧ୍ୟମରେ କିମ୍ବା ବ୍ୟାଙ୍କର ଶାଖା ମାଧ୍ୟମରେ କିମ୍ବା ବ୍ୟାଙ୍କର ରିଲେସନସିପ୍ ମ୍ୟାନେଜରଙ୍କ ମାଧ୍ୟମରେ ବ୍ୟାଙ୍କର ଏକ ଉତ୍ପାଦ ନେବା ପାଇଁ ତାଙ୍କର /ଏହାଙ୍କର ପ୍ରକାଶ୍ୟରେ ଇଚ୍ଛା ପ୍ରକାଶ କରିଥାନ୍ତି କିମ୍ବା ଅନ୍ୟ ସମ୍ଭାବ୍ୟ ଗ୍ରାହକଙ୍କ ଦ୍ୱାରା କିମ୍ବା ରହିଥିବା ଗ୍ରାହକଙ୍କ ଦ୍ୱାରା ସୁପାରିଶ କରାଯାଇଥାଏ କିମ୍ବା ବ୍ୟାଙ୍କର ପୂର୍ବରୁ ରହିଥିବା ଗ୍ରାହକ ହୋଇଥାନ୍ତି ଯେ କି ବ୍ୟାଙ୍କରୁ ବା ବ୍ୟାଙ୍କ ତରଫରୁ ବ୍ୟାଙ୍କର ଅନ୍ୟ ଉତ୍ପାଦ ବିଷୟରେ କଲ୍ ଗ୍ରହଣ କରିବା ପାଇଁ ସମ୍ମତି ପ୍ରଦାନ କରିଥାନ୍ତି।
- ଯେତେବେଳେ ସମ୍ଭାବ୍ୟ ଗ୍ରାହକଙ୍କର ନାମ/ଟେଲିଫୋନ୍ ନମ୍ବର/ଠିକଣା ବ୍ୟାଙ୍କ୍ ନିକଟରେ ଉପଲବ୍ଧ ରହିଥାଏ ଏବଂ ସମ୍ଭାବ୍ୟ ଗ୍ରାହକଙ୍କର ସମ୍ମତି ନେବା ପରେ ଗୋଟିଏ ତାଲିକା/ଡିରେକ୍ଟୋରୀ/ଡିଏସଓ ମ୍ୟାନେଜର୍/ଟିମ୍ ଲିଡରଙ୍କ ଦ୍ୱାରା ଅନୁମୋଦିତ ଡାଟା ବେସ୍‌ରୁ ନିଆଯାଇଥାଏ।
- ଯେତେବେଳେ ସମ୍ଭାବ୍ୟ ଗ୍ରାହକ/ଗ୍ରାହକ ନିଜ ସୁବିଧା ଅନୁଯାୟୀ ଆପ୍ ମାଧ୍ୟମରେ, ୱେବସାଇଟରେ, ସଶରୀରେ ଉପସ୍ଥିତ ରହି ଫିନଟେକ୍ ସହିତ ଯୋଗାଯୋଗ କରନ୍ତି କିମ୍ବା କଲ୍ ସେଣ୍ଟର ବା ଅନ୍ୟ କୌଣସି ଯୋଗାଯୋଗ ବିନ୍ଦୁ ଯାହାକି ଏହି ଅଧିଗ୍ରହଣ କୌଶଳ ବା ମଡେଲର ଅଂଶ ହୋଇଥାଏ ତାହା ମାଧ୍ୟମରେ ଯୋଗାଯୋଗ କରିଥାନ୍ତି।

- ଡିଏସଏ କୌଣସି ବ୍ୟକ୍ତି/ଅନୁଷ୍ଠାନଙ୍କୁ କଲ୍ କରିବା ଅନୁଚିତ୍ ଯାହାର ନାମ/ଯୋଗାଯୋଗ ନମ୍ବର ଡିଏସଏ ସହିତ ଉପଲବ୍ଧ କୌଣସି "ଡୁ ନଟ୍ ଡିଷ୍ଟର୍ବ" ତାଲିକାରେ ଫ୍ଲାଗ୍ ହୋଇନଥାଏ।
- ଟେଲିଫୋନରେ ଯୋଗାଯୋଗ ସାଧାରଣ ଭାବରେ ସକାଳ ୨ଟା 30ରୁ ସନ୍ଧ୍ୟା 7ଟା ମଧ୍ୟରେ ସୀମିତ ହେବା ଆବଶ୍ୟକ। ଅବଶ୍ୟ, ଏହା ସୁନିଶ୍ଚିତ କରାଯାଇପାରେ ଯେ ସମ୍ଭାବ୍ୟ ଗ୍ରାହକଙ୍କୁ ଯୋଗାଯୋଗ କରାଯାଇପାରିବ କେବଳ ଯେତେବେଳେ ଏହି କଲ୍ ତାଙ୍କ ପାଇଁ କୌଣସି ଅସୁବିଧାର କାରଣ ହେବ ନାହିଁ ବୋଲି ଆଶା କରାଯାଉଥାଏ। କଲ୍‌ଗୁଡ଼ିକ ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ କିମ୍ବା ପରେ (ଉପରେ ଦିଆଯାଇଥିବା ଅନୁଯାୟୀ) କେବଳ ଏହି ଅବସ୍ଥାରେ ସ୍ଥାପିତ କରାଯାଇପାରେ ଯେତେବେଳେ ସମ୍ଭାବ୍ୟ ବ୍ୟକ୍ତି ପ୍ରକାଶ୍ୟରେ ଡିଏସଓଙ୍କୁ ଏହା କରିବା ପାଇଁ ଲିଖିତ ଭାବରେ ବା ମୌଖିକ ଭାବରେ ଅଧିକୃତ କରିଥାନ୍ତି।
- ଡିଏସଏ ଜଣେ ସମ୍ଭାବ୍ୟ ଗ୍ରାହକଙ୍କ ଗୋପନୀୟତାକୁ ସମ୍ମାନ ଦେବା ଉଚିତ୍। ଏହି ସମ୍ଭାବ୍ୟ ଗ୍ରାହକଙ୍କ ରୁଚି ସାଧାରଣ ଭାବରେ କେବଳ ସମ୍ଭାବ୍ୟ ଗ୍ରାହକଙ୍କ ସହିତ  ଏବଂ ସମ୍ଭାବ୍ୟ ଗ୍ରାହକଙ୍କ ଦ୍ୱାରା ଅଧିକୃତ ଅନ୍ୟ କୌଣସି ବ୍ୟକ୍ତି/ପରିବାର ସଦସ୍ୟ ଯେପରିକି ସମ୍ଭାବ୍ୟ ଗ୍ରାହକଙ୍କର ଆକାଉଣ୍ଟାଣ୍ଟ/ସଚିବ/ସହଧର୍ମୀ, ତାଙ୍କର ଅଧିକୃତଙ୍କ ସହିତ ଆଲୋଚନା କରାଯାଇପାରେ।
- ଡିଏସଏ କୌଣସି ସମ୍ଭାବ୍ୟ ଗ୍ରାହକଙ୍କଠାରୁ କୌଣସି ପ୍ରକାରର ଲାଞ୍ଚ ଗ୍ରହଣ କରିବେ ନାହିଁ। କୌଣସି ବିଡିଇ (ବିଜନେସ୍ ଡେଭଲପମେଣ୍ଟ ଏକଜିକ୍ୟୁଟିଭ୍) ଙ୍କୁ ଜଣେ ଗ୍ରାହକଙ୍କ ଦ୍ୱାର କୌଣସି ପ୍ରକାରର ଲାଞ୍ଚ ଯଚାଗଲେ ବା ଦିଆଗଲେ ଏହି ଯଚାଯିବା ବିଷୟରେ ତାଙ୍କ ମ୍ୟାନେଜମେଣ୍ଟକୁ ଜଣାଇବା ଆବଶ୍ୟକ।
- ଡିଏସଏ ଆଗୁଆ ଋଣଗ୍ରହିତାଙ୍କୁ ଜଣାଇଦେବେ ଯେ ସେମାନେ ବ୍ୟାଙ୍କ ତରଫରୁ ତାଙ୍କ ସହିତ ଯୋଗାଯୋଗ କରୁଛନ୍ତି ଓ ଯଦି ତାଙ୍କୁ କୌଣସି ଋଣ ଦିଆଯାଏ ଏହା କେବଳ ବ୍ୟାଙ୍କ୍ ଦ୍ୱାରା ଦିଆଯିବ।
- ବ୍ୟାଙ୍କ ପାଇଁ ବକେୟା ଆଦାୟ ପାଇଁ ନିଯୁକ୍ତ ଡିଏସଏମାନଙ୍କ ପାଇଁ ଆଭ୍ୟନ୍ତରୀଣ ନୀତି ଓ ପଦ୍ଧତି ରହିବା ଆବଶ୍ୟକ, ଏହା ସହିତ ଖିଲାପିର ପ୍ରତି ପର୍ଯ୍ୟାୟରେ ଗ୍ରାହକଙ୍କ ସହିତ  କାର୍ଯ୍ୟ କରିବାର ପ୍ରକ୍ରିୟା ବିଷୟରେ ଏଜେଣ୍ଟ /କର୍ମଚାରୀଙ୍କୁ ଶିକ୍ଷା ତଥା ତାଲିମ୍ ଦିଆଯିବ ଏବଂ ଗ୍ରାହକଙ୍କ ସହିତ କିପରି ଭାବରେ ଉଚ୍ଚ ନୈତିକତା ମାନକ ସୁନିଶ୍ଚିତ ସହିତ ଆଚରଣ ପ୍ରଦର୍ଶନ କରିବେ ସେ ବିଷୟରେ ମଧ୍ୟ ତାଲିମ୍ ଦିଆଯିବ।
- ଋଣ ଆବେଦନ ପ୍ରକ୍ରିୟାକରଣ, ବକେୟା ଆଦାୟ ଏବଂ ଖିଲାପି କରିଥିବା ଗ୍ରାହକଙ୍କ ସହିତ କାରବାର ପ୍ରକ୍ରିୟାରେ ଜଡ଼ିତ କର୍ମଚାରୀ/ଏଜେଣ୍ଟବୃନ୍ଦ ଯୋଗ ଦେବା ସମୟରେ ଔପଚାରିକତା ଭାବରେ କିମ୍ବା ପୃଥକ ଭାବରେ ଡିଏସଏଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଆଚରଣ ସଂହିତା (ଆଇବିଏଙ୍କ ଆଚରଣ ସଂହିତା ସଦୃଶ) ପାଳନ କରିବା ପାଇଁ ଏକ ଘୋଷଣାନାମା ସ୍ୱାକ୍ଷର କରିବେ।
- ଏହାର ହିସାବ ବହି ରକ୍ଷଣାବେକ୍ଷଣ ଏବଂ ରିପୋର୍ଟ କରିବା/ ଉପସ୍ଥାପନାରେ ସଠିକତା ସୁନିଶ୍ଚିତ କରିବା ସହିତ ଯୋଗ୍ୟତାପ୍ରାପ୍ତ ଅଡିଟର/ବୃନ୍ଦଙ୍କ ଦ୍ୱାରା ଏବଂ ବ୍ୟାଙ୍କ୍ ଦ୍ୱାରା ଆର୍ଥିକ ବକ୍ତବ୍ୟ ପରିପ୍ରକାଶ କରିଥାନ୍ତି।
- ବ୍ୟାଙ୍କର ଉତ୍ପାଦ ବିଷୟରେ ସ୍ପଷ୍ଟ ଜ୍ଞାନ ରହିଥିବା ଆବଶ୍ୟକ।

- ଡିଏସଏ କରିବା ଅନୁଚିତ୍-

- ସମ୍ଭାବ୍ୟ ଗ୍ରାହକଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କୌଣସି ସେବା/ଉତ୍ପାଦରେ ବିଭ୍ରାନ୍ତ କରିବା;
- ସେମାନଙ୍କ ବ୍ୟବସାୟ କିମ୍ବା ଅନୁଷ୍ଠାନର ନାମ ବିଷୟରେ ସମ୍ଭାବ୍ୟ ଗ୍ରାହକଙ୍କୁ ବିଭ୍ରାନ୍ତ କରନ୍ତି ନାହିଁ କିମ୍ବା ନିଜ ବିଷୟରେ ମିଛ ଉପସ୍ଥାପନା କରିବା ।
- କୌଣସି ବ୍ୟବସ୍ଥା /ସେବାରେ ବ୍ୟାଙ୍କ ତରଫରୁ କୌଣସି ଭୁଲ/ଅନଧିକୃତ ପ୍ରତିଶ୍ରୁତି ଦେବା

- ଗସ୍ତ/ଯୋଗାଯୋଗ ସମୟରେ କି କି ସାବଧାନତା ଅବଲମ୍ବନ କରିବେ
  ଡିଏସଏ କରିବା ଉଚିତ୍:

- ବ୍ୟକ୍ତିଗତ ସ୍ଥିତିକୁ ସମ୍ମାନ ଦେବେ - ସମ୍ଭାବ୍ୟ ଗ୍ରାହକଙ୍କଠାରୁ ଯଥେଷ୍ଟ ଦୂରତା ରକ୍ଷା କରିବେ ।
- ସମ୍ଭାବ୍ୟ ଗ୍ରାହକଙ୍କ ଇଚ୍ଛା ବିରୋଧରେ ତାଙ୍କର ବାସସ୍ଥାନ/କାର୍ଯ୍ୟାଳୟ ପରିସରରେ ପ୍ରବେଶ କରିବେ ନାହିଁ;
- ଅଧିକ ସଂଖ୍ୟାରେ ଗସ୍ତ କରିବେ ନାହିଁ, ଯଥା:- ଯଦି ଆବଶ୍ୟକ ହୁଏ, ଜଣେ ବିଡିଙ୍କଠାରୁ (ବିଜନେସ୍ ଡେଭଲପମେଣ୍ଟ ଏକଜିକ୍ୟୁଟିଭ୍) ଏବଂ ଜଣେ ସୁପରଭାଇଜରଙ୍କଠାରୁ ଅଧିକ ନୁହନ୍ତି
- ସମ୍ଭାବ୍ୟ ଗ୍ରାହକଙ୍କର ଗୋପନୀୟତାକୁ ସମ୍ମାନ ଦିଅନ୍ତୁ ।
- ଯଦି ଗସ୍ତ ସମୟରେ ଏହି ସମ୍ଭାବ୍ୟ ଗ୍ରାହକ ଉପସ୍ଥିତ ନାହାନ୍ତି ଏବଂ କେବଳ ପରିବାରର ସଦସ୍ୟ କିମ୍ବା କାର୍ଯ୍ୟାଳୟର ବ୍ୟକ୍ତିବୃନ୍ଦ ଉପସ୍ଥିତ ରହିଛନ୍ତି ତେବେ ସେ ସମ୍ଭାବ୍ୟ ଗ୍ରାହକଙ୍କୁ କଲ୍ ବ୍ୟାକ୍ କରିବା ପାଇଁ ଅନୁରୋଧ କରି ଏହି ଗସ୍ତ ସମାପ୍ତ କରିବା ଉଚିତ୍ ।
- ଯଦି କୌଣସି ଗ୍ରାହକଙ୍କ ଦ୍ୱାରା ପଚରାଯାଏ ତେବେ ତାଙ୍କର ଟେଲିଫୋନ୍ ନମ୍ବର, ସୁପରଭାଇଜରଙ୍କ ନାମ କିମ୍ବା ଜଡ଼ିତ ବ୍ୟାଙ୍କ ଅଧିକାରୀଙ୍କର ଯୋଗାଯୋଗ ବିବରଣୀ ପ୍ରଦାନ କରନ୍ତୁ ।
- ସମ୍ଭାବ୍ୟ ଗ୍ରାହକଙ୍କ ସହିତ ବ୍ୟବସାୟ ବିଷୟରେ ସୀମିତ ଆଲୋଚନା - ଏକ ବୃତ୍ତିଗତ ଦୂରତା ବଜାୟ ରଖନ୍ତୁ ।

- ଡିଏସଏଙ୍କ ଦ୍ୱାରା ସମ୍ଭାବ୍ୟ ଗ୍ରାହକଙ୍କୁ ପଠାଯାଇଥିବା କୌଣସି ଯୋଗାଯୋଗ କେବଳ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ମାଧ୍ୟମରେ ଏବଂ ଶୈଳୀରେ ହେବା ଉଚିତ୍ ।

**ଡିଜିଟାଲ୍ ଋଣ ପ୍ରଦାନ ପ୍ଲାଟଫର୍ମରେ ବ୍ୟାଙ୍କ ଦ୍ୱାରା ସୋର୍ସ କରାଯାଇଥିବା ଋଣ:**

ଭାରତୀୟ ରିଜର୍ଭ ବ୍ୟାଙ୍କର ବିଜ୍ଞପ୍ତି - ଡିଜିଟାଲ୍ ଋଣ ପ୍ରଦାନ ପ୍ଲାଟଫର୍ମରେ ବ୍ୟାଙ୍କ ଏବଂ ଏନବିଏଫସିଗୁଡ଼ିକ ଦ୍ୱାରା ସୋର୍ସ କରାଯାଇଥିବା ଋଣଗୁଡ଼ିକ: ଜୁନ୍ 24, 2020 ଦିନାଙ୍କିତ ନିରପେକ୍ଷ ଆଚରଣ ସଂହିତା ଏବଂ ଆଉଟସୋର୍ସିଂ ମାର୍ଗଦର୍ଶିକା ଅନୁପାଳନ ପାଇଁ ଏହି ବ୍ୟାଙ୍କ, ନିଜସ୍ୱ ଡିଜିଟାଲ୍ ଋଣ ଦାନ ପ୍ଲାଟଫର୍ମ ମାଧ୍ୟମରେ ଋଣ ଦିଆଯାଇଥାଉ ବା ଏକ ଆଉଟସୋର୍ସ ହୋଇଥିବା ଋଣ ପ୍ରଦାନ ପ୍ଲାଟଫର୍ମରେ ଋଣ ଦିଆଯାଇଥାଉ ତାହା ନିର୍ବିଶେଷରେ କାୟ ମନୋବାକ୍ୟରେ ଏହି ନିରପେକ୍ଷ ଆଚରଣ ସଂହିତା ମାର୍ଗଦର୍ଶିକା ପାଳନ କରିବା ଆବଶ୍ୟକ ଏବଂ ଅତ୍ୟନ୍ତ ସୁକ୍ଷ୍ମ ଭାବରେ ଆର୍ଥିକ ସେବା ଏବଂ ଆଇଟି ସେବା ଆଉଟସୋର୍ସ କରିବା ପାଇଁ ନିୟାମକ ନିର୍ଦ୍ଦେଶାବଳି ମଧ୍ୟ ଅନୁସରଣ କରିବା ଆବଶ୍ୟକ।
ଯେଉଁଠାରେ ବ୍ୟାଙ୍କ ଋଣଗ୍ରହିତା ସୋର୍ସ କରିବା ପାଇଁ ଏବଂ/କିମ୍ବା ବକେୟା ଆଦାୟ କରିବା ପାଇଁ ଡିଜିଟାଲ ଋଣ ଦାନ ପ୍ଲାଟଫର୍ମକୁ ଏହାର ଏଜେଣ୍ଟ ଭାବରେ ନିଯୁକ୍ତ କରିଥାଏ, ସେମାନେ ନିମ୍ନଲିଖିତ ନିର୍ଦ୍ଦେଶାବଳି ଅନୁସରଣ କରିବା ଆବଶ୍ୟକ।

a) ଏଜେଣ୍ଟ ଭାବରେ ନିଯୁକ୍ତ ହୋଇଥିବା ଡିଜିଟାଲ୍ ଋଣ ଦେବା ପ୍ଲାଟଫର୍ମଗୁଡ଼ିକର ନାମ ବ୍ୟାଙ୍କର ୱେବସାଇଟରେ ପ୍ରକାଶ କରାଯିବ।

b) ଡିଜିଟାଲ୍ ଋଣ ଦେବା ପ୍ଲାଟଫର୍ମଗୁଡ଼ିକ ଯାହାକି ଏଜେଣ୍ଟ ଭାବରେ ନିଯୁକ୍ତ ହୋଇଥାଏ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ ଆଗୁଆ ଗ୍ରାହକଙ୍କୁ ଯେଉଁ ବ୍ୟାଙ୍କ ତରଫରୁ ତାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ସେହି ବ୍ୟାଙ୍କର ନାମ ପ୍ରକାଶ କରିବେ।

c) ମଞ୍ଜୁର ହେବା ପରେ ତୁରନ୍ତ କିନ୍ତୁ ଋଣ ରାଜିନାମା ସମ୍ପାଦିତ ହେବା ପୂର୍ବରୁ, ଏହି ମଞ୍ଜୁରୀ ପତ୍ର ଋଣଗ୍ରହିତାଙ୍କୁ ବ୍ୟାଙ୍କର ଲେଟର ହେଡ୍‌ରେ ଜାରି କରାଯିବ।

d) ଏହାର ସମସ୍ତ ଋଣଗ୍ରହିତାଙ୍କୁ ଋଣ ମଞ୍ଜୁରୀ/ ଋଣ ବିତରଣ ସମୟରେ ଋଣ ରାଜିନାମାରେ ବର୍ଣ୍ଣିତ ସମସ୍ତ ସଂଲଗ୍ନର ନକଲ ସହିତ ଏହି ଋଣ ରାଜିନାମାର ଏକ ନକଲ ପ୍ରଦାନ କରିବେ।

e) ବ୍ୟାଙ୍କ ଦ୍ୱାରା ନିଯୁକ୍ତ ଡିଜିଟାଲ୍ ଋଣ ଦେବା ପ୍ଲାଟଫର୍ମ ଉପରେ ପ୍ରଭାବଶାଳୀ ଦୃଷ୍ଟି ଏବଂ ତତ୍ତ୍ୱାବଧାନ ସୁନିଶ୍ଚିତ କରାଯିବ।

f) ଆପତ୍ତି ଶୁଣାଣି ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଯଥେଷ୍ଟ ପ୍ରୟାସ କରାଯିବ।

## ଋଣ ଆବେଦନ ଏବଂ ରାଜିନାମା

ଏହି ବ୍ୟାଙ୍କ ସୁନିଶ୍ଚିତ କରିବ ଯେ ଏହି ଋଣ ଆବେଦନ ଫର୍ମଗୁଡ଼ିକ ଋଣଗ୍ରହିତା ପ୍ରକାଶ କରିଥିବା ଋଣ ପରିମାଣ ନିର୍ବିଶେଷରେ ଋଣର ସମସ୍ତ ବର୍ଗ ଦୃଷ୍ଟିରୁ ସମନ୍ୱିତ ରହିଛି। ଏହି ବ୍ୟାଙ୍କ ଗ୍ରାହକଙ୍କୁ ଏହି ଋଣ ଆବେଦନ ଫର୍ମ ସହିତ ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ଆବେଦନ ଦାଖଲ କରିବାକୁ ସକ୍ଷମ କରିବାକୁ, ଦାଖଲ କରାଯିବାକୁ ଥିବା ଦଲିଲଗୁଡ଼ିକର ଏକ ଯାଞ୍ଚ ତାଲିକା (ଆଇନଗତ ଓ ନିୟାମକ ଆବଶ୍ୟକତା ସହିତ ସୁସଂଗତ) ଦାଖଲ କରିବାକୁ କୁହାଯିବ।
ବ୍ୟାଙ୍କ ଟେଲିଫୋନରେ ଏକ ଋଣ ସୁବିଧା ଦେବା/ଅନୁମୋଦନ କରିବା ଘଟଣାରେ, ଏହି ବ୍ୟାଙ୍କ୍ ଆବଶ୍ୟକ ବୈଧତା ଯାଞ୍ଚ ପରେ ଯଥାର୍ଥ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସେମାନଙ୍କ ସମ୍ମତି ହାସଲ କରିବା ପରେ ବା ଗ୍ରାହକଙ୍କର ଲିଖିତ ଭାବରେ ସମ୍ମତି ଲାଭ କରିବା ପରେ ଗ୍ରାହକଙ୍କ ଆକାଉଣ୍ଟରେ କେବଳ ସେହି ପରିମାଣ ଜମା କରିବ। ଏହି ବ୍ୟାଙ୍କ୍ କୌଣସି ପ୍ରକାରର କୌଣସି ଅପ୍ରାସଙ୍ଗିକ ପ୍ରାକ୍ ଅନୁମୋଦିତ ଋଣ ସୁବିଧା ଯାଚନା କରେ ନାହିଁ।
ଏହି ବ୍ୟାଙ୍କର ସମସ୍ତ ଋଣ ଆବେଦନ ପ୍ରାପ୍ତିସ୍ୱୀକାର ପ୍ରଦାନ କରିବା ରସିଦ୍ ପ୍ରଦାନ ସହିତ ଏହି ଋଣ ଆବେଦନ ପ୍ରକ୍ରିୟା ପାଇଁ ପ୍ରକାଶ୍ୟରେ ସମୟସୀମା ଦର୍ଶାଇବା ପାଇଁ ଏକ ବ୍ୟବସ୍ଥା ସ୍ଥାପନ କରିବ।

## ଋଣ ମୂଲ୍ୟାୟନ ଏବଂ ସୁପାରିଶ୍

ଏହି ବ୍ୟାଙ୍କ ଋଣ ଗ୍ରହିତାମାନଙ୍କର ଋଣ ଆବେଦନର ଉପଯୁକ୍ତ ମୂଲ୍ୟାୟନ ଆୟୋଜନ କରିବ ଏବଂ ଋଣଗ୍ରହିତାଙ୍କର ଋଣ ଯୋଗ୍ୟତାର ଯଥାର୍ଥ ଯାଞ୍ଚର ପରିପୂରକ ଭାବରେ କେବଳ ମାର୍ଜିନ୍ ବା ବନ୍ଧକ ନିର୍ଦ୍ଧାରଣକୁ ବ୍ୟବହାର କରିବା ଅନୁଚିତ୍। ଏହି ବ୍ୟାଙ୍କ୍ ଋଣଗ୍ରହିତାଙ୍କୁ ପ୍ରଯୁଜ୍ୟ ସର୍ତ୍ତ ଓ ନିୟମାବଳି ସହିତ ଋଣ ସୀମା ବିଷୟରେ ଜଣାଇଦେବେ। ସର୍ତ୍ତ ଓ ନିୟମାବଳି ଓ ବ୍ୟାଙ୍କ୍ ଦ୍ୱାରା ଦିଆଯାଇଥିବା ଋଣ ବ୍ୟବସ୍ଥାକୁ ପରିଚାଳିତ କରୁଥିବା ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟରେ, ଋଣଗ୍ରହିତାଙ୍କ ସହ ଆପୋଷ ବୁଝାମଣା ପରେ ସଂକ୍ଷିପ୍ତରେ ଲିଖିତ ଭାବରେ ଦିଆଯିବ ଏବଂ ବ୍ୟାଙ୍କ୍ ଅଧିକାରୀଙ୍କ ଦ୍ୱାରା ଯଥାର୍ଥ ଭାବରେ ପ୍ରମାଣିତ କରାଯିବ। ଏହି ବ୍ୟାଙ୍କ ଏହି ସର୍ତ୍ତ ଓ ନିୟମାବଳି ଋଣଗ୍ରହିତାଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବାର ସ୍ୱୀକାରୋକ୍ତି ତାଙ୍କର ସମ୍ପୂର୍ଣ୍ଣ ଜ୍ଞାତସାରରେ ଦିଆଯାଇଛି ଏହା ରେକର୍ଡ କରିବେ।
କନସୋର୍ଟିୟମ୍ ବ୍ୟବସ୍ଥା ଅଧୀନରେ ଋଣ ଦେଉଥିବା ଘଟଣାରେ ଅଂଶଗ୍ରହଣ କରୁଥିବା ଋଣଦାତାବୃନ୍ଦ ଯଥାସମ୍ଭବ ସମୟ ଅନୁବନ୍ଧିତ ଶୈଳୀରେ ପ୍ରସ୍ତାବର ଆପ୍ରାଇଜାଲ ବା ବିଚାର ସମ୍ପୂର୍ଣ୍ଣ କରିବା ପାଇଁ ପଦ୍ଧତିଗୁଡ଼ିକ ଜଡ଼ିତ କରିବା ଉଚିତ୍, ଏବଂ ସେମାନଙ୍କର ଆର୍ଥିକ ସହାୟତା ବା ଅନ୍ୟାନ୍ୟ ବିଷୟରେ ନିଷ୍ପତ୍ତି ଏକ ଯଥାର୍ଥ ସମୟ ମଧ୍ୟରେ ଜଣାଇ ଦେବା ଉଚିତ୍।

## ଋଣ ଆବେଦନ ସମ୍ପର୍କରେ ସିଆଇସିଗୁଡ଼ିକ ସହିତ ସୂଚନା ଆଦାନପ୍ରଦାନ

ଏହି ବ୍ୟାଙ୍କ୍ ଏହି ଗ୍ରାହକଙ୍କୁ କ୍ରେଡିଟ ଇନଫର୍ମେସନ୍ କମ୍ପାନିଗୁଡ଼ିକ (ସିଆଇସି)ର ଭୂମିକା ବିଷୟରେ ବ୍ୟାଖ୍ୟା କରିବେ, ସିଆଇସି ସହିତ ଦାୟଗ୍ରହଣଗୁଡ଼ିକ ଯାଞ୍ଚ କରିବେ ଏବଂ ସିଆଇସି ପ୍ରଦାନ କରୁଥିବା ସୂଚନା ଉପରେ ପ୍ରଭାବ ଯାଞ୍ଚ କରିବେ ଯାହାର କି ଗ୍ରାହକଙ୍କର ଋଣ ପାଇବାର ସାମର୍ଥ୍ୟ ଉପରେ ପ୍ରଭାବ ବିଷୟରେ ବୁଝାଇ ଦେବ।
ଏହି ବ୍ୟାଙ୍କ ଗ୍ରାହକଙ୍କ ଅନୁରୋଧକ୍ରମେ ଏବଂ ନିର୍ଦ୍ଧାରିତ ବ୍ୟୟ ପୈଠକ୍ରମେ ସିଆଇସିଙ୍କଠାରୁ ହାସଲ କରାଯାଇଥିବା କ୍ରେଡିଟ ଇନଫର୍ମେସନ୍ ରିପୋର୍ଟର ଏକ ନକଲ ସଂଲଗ୍ନ କରିପାରନ୍ତି।

ଏହି ବ୍ୟାଙ୍କ୍ ସିଆଇସିକୁ କୌଣସି ପରିଶୋଧରେ ଖିଲାପି ଘଟଣାରେ ଗ୍ରାହକଙ୍କ ଦ୍ୱାରା ନିଆଯାଇଥିବା ଋଣ ବିଷୟରେ ସୂଚନା ସାମୟିକ ବ୍ୟବଧାନରେ ପ୍ରଦାନ କରାଯିବ ଏବଂ ତାହା ପରେ ପରବର୍ତ୍ତୀ ରିପୋର୍ଟରେ ଋଣ ଆକାଉଣ୍ଟ ନିୟମିତ ହେବା ବିଷୟରେ ଅଦ୍ୟତନ କରାଯିବ।

**ଋଣ ନିଷ୍ପତ୍ତି ପାଇଁ ସମୟସୀମା**

ଏହି ବ୍ୟାଙ୍କର ଋଣ ପ୍ରସ୍ତାବଗୁଡ଼ିକର ବିଚାର ପାଇଁ ଏକ ନିର୍ଦ୍ଧାରିତ ପଦ୍ଧତି ସହିତ ଉପଯୁକ୍ତ ସମୟରେଖା ସହିତ ( 20 ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣ ପାଇଁ ଋଣ ଆବେଦନ ପ୍ରାପ୍ତ କରିବା ତାରିଖଠାରୁ 30 କାର୍ଯ୍ୟ ଦିବସ) ରହିବ ଏବଂ ନିର୍ଦ୍ଧାରିତ ଅବଧିରୁ ଅଧିକ ସମୟ ପର୍ଯ୍ୟନ୍ତ ପଡ଼ି ରହିଥିବା ଆବେଦନ ସମୀକ୍ଷା କରିବା ପାଇଁ ଏକ ଉପଯୁକ୍ତ ତତ୍ତ୍ୱାବଧାନକାରୀ ବ୍ୟବସ୍ଥା ସ୍ଥାପନ କରିବ। ଏହି ବ୍ୟାଙ୍କ ସେମାନଙ୍କର ୱେବସାଇଟ୍, ନୋଟିସବୋର୍ଡ, ଉତ୍ପାଦଲେଖା ଏବଂ ଏପରି ଅନ୍ୟାନ୍ୟ ମାଧ୍ୟମରେ ସେମାନଙ୍କର ଋଣ ନିଷ୍ପତ୍ତି ଜଣାଇବା ପାଇଁ ସମୟ ସୀମା ଉପଯୁକ୍ତ ଭାବରେ ପରିପ୍ରକାଶ କରିବ।
ଏହି ବ୍ୟାଙ୍କ୍ ଯଥାର୍ଥ ସମୟ ଅବଧି ମଧ୍ୟରେ ଏହି ଋଣ ଆବେଦନ ଯାଞ୍ଚ୍ କରିବ ଏବଂ ଋଣଗ୍ରହିତାବୃନ୍ଦଙ୍କୁ ଅତିରିକ୍ତ ବିବରଣୀ/ଦଲିଲ୍ ଆବଶ୍ୟକ ହେବା ଘଟଣାରେ ତୁରନ୍ତ ଜଣାଇଦେବ।
କୌଣସି ଋଣ ପ୍ରତ୍ୟାଖ୍ୟାନ ହେବା ଘଟଣାରେ ଏହି ବ୍ୟାଙ୍କ୍ ଲିଖିତ ଭାବରେ, ଏସଏମଏସ୍ କିମ୍ବା ଚିଠି ମାଧ୍ୟମରେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଋଣ ଆବେଦନ ପ୍ରତ୍ୟାଖ୍ୟା ହେବାର ମୁଖ୍ୟ କାରଣ/କାରଣଗୁଡ଼ିକ ଜଣାଇବ। ଫିନଟେକଭିତ୍ତିକ ଡିଜିଟାଲ୍ ଋଣ ପ୍ରଦାନ ପାଇଁ, ପ୍ରତ୍ୟାଖ୍ୟାନର କାରଣ /ଗୁଡ଼ିକ ଗ୍ରାହକଙ୍କୁ ସିଧାସଳଖ ଭାବରେ ବ୍ୟାଙ୍କ୍ ଦ୍ୱାରା ଜଣାଇ ଦିଆଯାଇପାରେ ଏବଂ ଏହି ବ୍ୟାଙ୍କ ଓ ଫିନଟେକ୍ ଋଣଦାତାଙ୍କ ମଧ୍ୟରେ ପରସ୍ପର ସହିତ ସମ୍ମତ ହୋଇଥିବା ଅନୁଯାୟୀ ଫିନଟେକ୍ ଋଣଦାତାଙ୍କ ମାଧ୍ୟମରେ ଜଣାଇ ଦିଆଯାଇପାରେ।

**ଋଣ ମଞ୍ଜୁର କ୍ରମେ ଅନୁସରଣ କରାଯିବାକୁ ଥିବା ପଦ୍ଧତି**

ଏହି ବ୍ୟାଙ୍କ୍ କୌଣସି ଋଣ ପାଇଁ ନିଆଯିବାକୁ ଥିବା ସିକ୍ୟୁରିଟି/କୋ ଲାଟେରାଲ୍ (ବନ୍ଧକ)ର ମାଲିକାନାର ସମ୍ପର୍କିତ ସମସ୍ତ ଦଲିଲ ବାବଦକୁ ଏକ ଲିଖିତ ରସିଦ୍ ପ୍ରଦାନ କରିବ। ଏହି ବ୍ୟାଙ୍କ୍ କୃଷି ଋଣ ପାଇଁ 1.6 ଲକ୍ଷ ଟଙ୍କାର ଋଣ ସୀମା ପାଇଁ କୌଣସି ବନ୍ଧକ ଜମା ପାଇଁ ଦାବି କରିବ ନାହିଁ ଏବଂ ବ୍ୟାଙ୍କ୍ ଏମଏସଏଇ କ୍ଷେତ୍ରରେ କୌଣସି ୟୁନିଟକୁ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣ ଦେବା ଘଟଣାରେ କୌଣସି କୋଲାଟେରାଲ୍ ସିକ୍ୟୁରିଟି ବା ବନ୍ଧକ ସ୍ୱୀକାର କରିବ ନାହିଁ। ଏହି ବ୍ୟାଙ୍କ ଋଣ ମଞ୍ଜୁର ହେବା ସମୟରେ ପରିଶୋଧ ସୂଚୀ ବିଷୟରେ ବ୍ୟାଖ୍ୟା କରିବ ଯଥା ପରିମାଣ, ଅବଧି ଏବଂ ପରିଶୋଧର ସମୟ ବ୍ୟବଧାନ ଏବଂ ବକେୟା ଆଦାୟ ପାଇଁ ଏକ ନିର୍ଦ୍ଧାରିତ ପ୍ରକ୍ରିୟା ରହିବ। ଏହି ବ୍ୟାଙ୍କ ସୁଧ ହାର ପରିବର୍ତ୍ତନ ହେବା ଘଟଣାରେ ଗ୍ରାହକଙ୍କୁ ସମନ୍ୱିତ ଅବଧିରେ କିସ୍ତି (ଇପିଆଇ) ସ୍ଥିର ରହିବା ବିକଳ୍ପ ଏବଂ ଅବଧି ପରିବର୍ତ୍ତନ ବା ଏହାର ବିପରୀତ ବିକଳ୍ପ ପ୍ରଦାନ କରିବ। ଏହି ବ୍ୟାଙ୍କ୍ ଋଣ ବାବଦକୁ ସୁଧ ହିସାବ ପାଇଁ ପଦ୍ଧତି ବ୍ୟାଖ୍ୟା କରିବ।
ଏହି ବ୍ୟାଙ୍କ୍ ଋଣ ରାଜିନାମାରେ ସଂଲଗ୍ନ ହୋଇଥିବା ବର୍ଣ୍ଣିତ ପ୍ରତ୍ୟେକଟି ସଂଲଗ୍ନର ଏକ ନକଲ ସଂଲଗ୍ନ କରି ଋଣଗ୍ରହିତାଙ୍କୁ ଋଣ ମଞ୍ଜୁରୀ/ବିତରଣ ସମୟରେ ଏହି ଋଣ ରାଜିନାମାର ଏକ ନକଲ ସଂଲଗ୍ନ କରିବ। ଏହି ଋଣ ରାଜିନାମା ସ୍ପଷ୍ଟ ଭାବରେ ବ୍ୟାଙ୍କର ବିଚାର ଅନୁଯାୟୀ ଏକକ ଭାବରେ ଋଣ ବ୍ୟବସ୍ଥା ନିର୍ଦ୍ଧାରିତ କରିବ, ଏହା ବ୍ୟବସାୟରେ ବୃଦ୍ଧି ଯୋଗୁଁ ଋଣଗ୍ରହିତାଙ୍କର ଅତିରିକ୍ତ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କର କୌଣସି ଦାୟ ବ୍ୟତୀତ ହେବ। ଏହି ବ୍ୟାଙ୍କ ଗ୍ରାହକ ଏବଂ ଉଜ୍ଜୀବନ ବ୍ୟାଙ୍କ ଦ୍ୱାରା ସ୍ୱାକ୍ଷର କରାଯିବା ପାଇଁ ଋଣ ରାଜିନାମା ନିମନ୍ତେ ଡିଜିଟାଲ ସ୍ୱାକ୍ଷର ସୁବିଧା ବ୍ୟବହାର କରିପାରେ। ଏଥିରେ କୌଣସି ବ୍ୟତିକ୍ରମ ହେଲେ ଉପଯୁକ୍ତ ଯଥାର୍ଥତା ପ୍ରତିପାଦନ ସହିତ ନଥିଭୁକ୍ତ କରାଯିବ। ଯଦି ଗ୍ରାହକଙ୍କ ଦ୍ୱାରା ଅନୁରୋଧ କରାଯାଇଥାଏ ଏହି ବ୍ୟାଙ୍କ୍ ଗ୍ରାହକଙ୍କୁ ଋଣ ଆକାଉଣ୍ଟର ଏକ ବାର୍ଷିକ ବିବରଣୀ ପ୍ରଦାନ କରିବ।
ଏହି ବ୍ୟାଙ୍କ୍ ଋଣ ମଞ୍ଜୁରୀ ଦଲିଲରେ ଦର୍ଶାଯାଇଥିବା ନିୟମ ଏବଂ ସର୍ତ୍ତ ବ୍ୟତିତ ଋଣଗ୍ରହିତାଙ୍କର ଅନ୍ୟ କୌଣସି ବ୍ୟାପାରରେ କେବେ ବି ହସ୍ତକ୍ଷେପ କରିବ ନାହିଁ (ଯଦି କୌଣସି ନୂତନ ସୂଚନା ପୂର୍ବରୁ ଜାଣିଶୁଣି ଋଣଗ୍ରହିତାଙ୍କ ଦ୍ୱାରା ପ୍ରକାଶ କରାଯାଇନଥିବା ବ୍ୟାଙ୍କ୍ ନଜରକୁ ଆସିନାହିଁ)।

## ଗ୍ରାହକଙ୍କ ସହିତ ସ୍ୱଚ୍ଛ ଏବଂ ସାଧୁତାପୂର୍ଣ୍ଣ କାରବାର

ଏହି ବ୍ୟାଙ୍କ୍ ସୁନିଶ୍ଚିତ କରିବ ଯେ ସମସ୍ତ ବିଜ୍ଞାପନ ଏବଂ ପ୍ରସାରଣମୂଳକ ବିଷୟବସ୍ତୁ ସ୍ପଷ୍ଟ ରହିଛି ଏବଂ ଭ୍ରମାତ୍ମକ ନୁହେଁ। ଏହି ବ୍ୟାଙ୍କ ସୁନିଶ୍ଚିତ କରିବ ଯେ ଏହାର ଉତ୍ପାଦ ଏବଂ ସେବା, ଏହି ସର୍ତ୍ତ ଓ ନିୟମାବଳି ଏବଂ ଏ କ୍ଷେତ୍ରରେ ପ୍ରଯୁଜ୍ୟ ସୁଧ ହାର/ଦେୟ ବିଷୟରେ ସ୍ପଷ୍ଟ ସୂଚନା ଦିଆଯାଇଛି। ଏହି ବ୍ୟାଙ୍କ୍ ଗ୍ରାହକଙ୍କୁ ପ୍ରଦାନ କରାଯିବାକୁ ଥିବା ଏହି ସୁବିଧା ଏବଂ ଗ୍ରାହକ କିପରି ଏଗୁଡ଼ିକ ପାଇପାରିବେ ଏବଂ ସେମାନଙ୍କ ପ୍ରଶ୍ନର ଉତ୍ତର ପାଇଁ କିପରି ଓ କାହା ସହିତ ଯୋଗାଯୋଗ କରିପାରିବେ ସେ ବିଷୟରେ ସୂଚନା ପ୍ରଦାନ କରିବ।

## ଋଣଗୁଡ଼ିକର ବିତରଣ

ଏହି ବ୍ୟାଙ୍କ୍ ପ୍ରଯୁଜ୍ୟ ସର୍ତ୍ତ ଓ ନିୟମାବଳି ଅନୁଯାୟୀ ଠିକ୍ ସମୟରେ ମଞ୍ଜୁର ହୋଇଥିବା ଋଣର ବିତରଣ ସୁନିଶ୍ଚିତ କରିବ। ଏହି ବ୍ୟାଙ୍କ ଏହି ସର୍ତ୍ତ ଓ ନିୟମାବଳି ତଥା ସୁଧ ହାର ଏବଂ ଏପରି ଅନ୍ୟ ସେବା ଦେୟରେ କୌଣସି ପରିବର୍ତ୍ତନ ବିଷୟରେ ବିଜ୍ଞପ୍ତି ପ୍ରଦାନ କରିବ, ଯାହାକି କେବଳ ବୈଶିଷ୍ଟ୍ୟଯୁକ୍ତ ଭାବରେ ବଳବତ୍ତର ହେବ।
ଏହି ବ୍ୟାଙ୍କ ଏକ ଗଠନମୂଳକ ବିତରଣ ପରବର୍ତ୍ତୀ ତତ୍ତ୍ୱାବଧାନ ବ୍ୟବସ୍ଥା ରଖିବ ନିର୍ଦ୍ଦିଷ୍ଟ ଭାବରେ 2 ଲକ୍ଷ ଟଙ୍କାରୁ ଅଧିକ ପରିମାଣର ଋଣ କ୍ଷେତ୍ରରେ ଋଣଗ୍ରହିତା ସମ୍ମୁଖୀନ ହେଉଥିବା କୌଣସି ପ୍ରକୃତ ଅସୁବିଧାର ସମାଧାନ କରିବା ପାଇଁ ଏହି ବ୍ୟାଙ୍କ ଏହି ଋଣ ଦଲିଲ ଅଧୀନରେ ପ୍ରଦର୍ଶନ କିମ୍ବା ତ୍ୱରିତ ପୈଠ/ ତୁରନ୍ତ ସମ୍ପୂର୍ଣ୍ଣ ପରିଶୋଧ କରିବା ପାଇଁ କିମ୍ବା ଋଣ ଗ୍ରହିତାଙ୍କୁ ଯଥାର୍ଥ ବିଜ୍ଞପ୍ତି ପ୍ରଦାନ କରିବା ପରେ ଅତିରିକ୍ତ ବନ୍ଧକ ଚାହିଁବା ପାଇଁ ନିଷ୍ପତ୍ତି ନେବ। ଏହି ବ୍ୟାଙ୍କ ନିମ୍ନଲିଖିତ ନିରପେକ୍ଷ କାର୍ଯ୍ୟବିଧିରେ ବିଶ୍ୱାସ କରେ ଯେପରିକି ବକେୟା ଆଦାୟ ଏବଂ ବନ୍ଧକକୁ ପୁନର୍ଦଖଲ କରିବା ଏବଂ ଏହା ଦ୍ୱାରା ଗ୍ରାହକଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ଜନ୍ମାଇବା ଏବଂ ଦୀର୍ଘକାଳୀନ ସମ୍ପର୍କ ଦୃଢ଼ କରିବା ଏବଂ ଏହା ସୁନିଶ୍ଚିତ କରିଥାଏ ଯେ ବକେୟା ଆଦାୟ ସମୟରେ କୌଣସି ବଳପୂର୍ବକ ବା ଧମକପୂର୍ଣ୍ଣ ବିଧି ଅନୁସରଣ କରାଯାଏ ନାହିଁ।

## ଋଣ ବାବଦକୁ ବକେୟା ଏବଂ ଦେୟଗୁଡ଼ିକ

ଏହି ବ୍ୟାଙ୍କ ମଞ୍ଜୁରୀ ପତ୍ର/ଋଣ ରାଜିନାମାରେ ପ୍ରକାଶ କରିବ, ଋଣ ଆବେଦନର ପ୍ରକ୍ରିୟାକରଣ ପାଇଁ ପୈଠଯୋଗ୍ୟ ଫି/ଦେୟ ସମ୍ପର୍କିତ ସମସ୍ତ ସୂଚନା, ଯଦି ଋଣ ପରିମାଣ ମଞ୍ଜୁର ହୁଏ ନାହିଁ/ବିତରଣ ହୁଏ ନାହିଁ ପରିଶୋଧଯୋଗ୍ୟ ଦେୟର ପରିମାଣ, ପ୍ରାକ୍ ପୈଠ ବିକଳ୍ପ ଏବଂ ଦେୟଗୁଡ଼ିକ, ଯଦି କିଛି ଥାଏ, ବିଳମ୍ବରେ ପୈଠ/ପରିଶୋଧ ପାଇଁ ଜରିମାନା ଯଦି କିଛି ଥାଏ, ଅନ୍ୟ କୌଣସି ସୁଧ ହାର ପୁନଃ ନିର୍ଦ୍ଧାରଣ ଧାରା ରହିଥିଲେ ଏବଂ ଅନ୍ୟ କୌଣସି ବିଷୟ ଯାହାକି ଋଣଗ୍ରହିତାଙ୍କ ସ୍ୱାର୍ଥକୁ ପ୍ରଭାବିତ କରିପାରେ।
ଏହି ବ୍ୟାଙ୍କ ସୁଧ ହାର, ସେବା ଦେୟ ଏବଂ ଅନ୍ୟାନ୍ୟ ଫି ବିଷୟରେ ଋଣ ଉତ୍ପାଦର ସମସ୍ତ ବର୍ଗ ପାଇଁ ୱେବସାଇଟରେ ସୂଚନା ପ୍ରଦର୍ଶନ କରିବ। ଏହି ବ୍ୟାଙ୍କର ଶାଖାଗୁଡ଼ିକରେ ଦେୟ ସୂଚୀର ଏକ ନକଲ ରହିବ, ଏହାର ଉପଲବ୍ଧତା ବିଷୟରେ ସମ୍ବନ୍ଧିତ ନୋଟିସ୍ ବୋର୍ଡରେ ବିଜ୍ଞପ୍ତି ମାଧ୍ୟମରେ ବିଜ୍ଞପିତ କରାଯିବ।
ଏହି ବ୍ୟାଙ୍କ୍ ଗ୍ରାହକଙ୍କ ସହିତ 'ସମସ୍ତ ଜଡ଼ିତ ଖର୍ଚ୍ଚ' ବିଷୟରେ ସୂଚନା ଦେବ ଯାହାକି ତାଙ୍କୁ ଅନ୍ୟ ଆର୍ଥିକ ଉତ୍ସ ସହିତ ଦେୟର ହାର ତୁଳନା କରିବାକୁ ସକ୍ଷମ କରିବ। ଏହି ବ୍ୟାଙ୍କ ମଧ୍ୟ ସୁନିଶ୍ଚିତ କରିବ ଯେ ଏପରି ଦେୟ/ଫି କୌଣସି ଭେଦଭାବ ବ୍ୟତୀତ ହୋଇଥାଏ। ଏହି ବ୍ୟାଙ୍କ ଗ୍ରାହକମାନଙ୍କୁ ଏହାର ଋଣ ଉତ୍ପାଦରେ ସୁଧ ହାରରେ ପରିବର୍ତ୍ତନ ବିଷୟରେ ପତ୍ର, ଇମେଲ କିମ୍ବା ଏସଏମଏସ୍ ମାଧ୍ୟମରେ ସୂଚନା ଦେବ।

**ଅନ୍ୟ ବ୍ୟାଙ୍କ୍ ଦ୍ୱାରା ଋଣ ଟେକଓଭର୍ କରାଯିବା ବା ଗ୍ରହଣ କରାଯିବା**

ଏହି ବ୍ୟାଙ୍କ ଏହି ଅନୁରୋଧ ପ୍ରାପ୍ତ କରିବା ତାରିଖଠାରୁ 21 ଦିନ ମଧ୍ୟରେ ଋଣ ନିଆଯାଇଥିବା ଆକାଉଣ୍ଟ ବାବଦକୁ କୌଣସି ଆପତ୍ତି ବିଷୟରେ ଜଣାଇବ ଯାହାକି ଅନ୍ୟ ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନ ଦ୍ୱାରା ଗ୍ରହଣ କରାଯାଉଥାଏ।

**ଋଣଗୁଡ଼ିକର ଆଦାୟ**

ଋଣ ଆଦାୟ ଘଟଣାରେ ଏହି ବ୍ୟାଙ୍କ୍ ପାଇଁ ଅଯଥା ନିର୍ଯାତନାର ଆଶ୍ରୟ ନେବ ନାହିଁ, ଯେପରିକି ଋଣଗ୍ରହିତାଙ୍କୁ ଅବେଳରେ ବାରମ୍ବାର ବିରକ୍ତ କରିବା, ଋଣ ଆଦାୟ ପାଇଁ ଶାରୀରିକ ବଳ ପ୍ରୟୋଗ କରିବା ଇତ୍ୟାଦି। ଏହି ବ୍ୟାଙ୍କ୍ ଋଣଗ୍ରହିତାଙ୍କୁ ଲିଖିତ ଭାବରେ ଯଥାର୍ଥ ବିଜ୍ଞପ୍ତି ପ୍ରଦାନ କରିବା ବ୍ୟତୀତ ବନ୍ଧକ ପୁନର୍ଦଖଲ ସହିତ କୌଣସି ଆଇନଗତ ବା ଆଦାୟ ପଦକ୍ଷେପ ଗ୍ରହଣ କରିବ ନାହିଁ।

ବ୍ୟାଙ୍କର ଆଦାୟ ବିଧି ବାସ୍ତବଧର୍ମୀ ହେବ ଏବଂ କୌଣସି ପକ୍ଷପାତିତା ବ୍ୟତୀତ ହେବ। ଆଦାୟ ବ୍ୟବସ୍ଥାର ମୂଳ ନିୟମ ହେଉଛି ନିରପେକ୍ଷ ବିଚାର ଏବଂ ଆଦାୟ ବିଧି। କେବଳ ଯେତେବେଳେ ପୁନର୍ଗଠନ/ଥଇଥାନ ବିଫଳ ହୋଇଥାଏ କିମ୍ବା ଅସମ୍ଭବ ହୋଇଥାଏ ବନ୍ଧକକୁ ଜବତ କରିବା କାର୍ଯ୍ୟ କରାଯିବ। ଏହି ବ୍ୟାଙ୍କ ବନ୍ଧକ ଆଦାୟ/ପୁନର୍ଦଖଲ ପାଇଁ ଆଇନ ଅଧୀନରେ ଆବଶ୍ୟକ ଏପରି ସମସ୍ତ ପଦ୍ଧତି ଅନୁସରଣ କରିବ।

ଋଣ ଆଦାୟ ସମ୍ପର୍କିତ ନିରପେକ୍ଷ ବିଧିଗୁଡ଼ିକ ଅତିରିକ୍ତ ଭାବରେ ବିସ୍ତୃତରେ "ବକେୟା ଆଦାୟ ଏବଂ ବନ୍ଧକ ପୁନର୍ଦଖଲ" ନୀତିରେ ବ୍ୟାଖ୍ୟା କରାଯାଇଛି, ୱେବସାଇଟରେ ହୋଷ୍ଟ କରାଯାଇଥାଏ।

**ଆଗୁଆ ସମାପ୍ତି ଦେୟ କାଟ୍ /ଫ୍ଲୋଟିଂ ବା ପରିବର୍ତ୍ତନଶୀଳ ହାର ଅବଧିଯୁକ୍ତ ଋଣରେ ପ୍ରାକ୍ ପୈଠ ଜରିମାନା**

ଭାରତୀୟ ରିଜର୍ଭ ବ୍ୟାଙ୍କର ବିଜ୍ଞପ୍ତି ଡିବିଓଡି ସଂଖ୍ୟା ଡିଆଇଆର୍. ବିସି.107/13.03.00/2011-12 ଦିନାଙ୍କିତ ଜୁନ୍ 5, 2012 ଏବଂ ଡିବିଓଡି ଡିଆଇଆର୍. ବିସି.ନମ୍ବର.110/13.03.00/2013-14 ଦିନାଙ୍କିତ ମେ 7, 2014 କୁ ଦୃଷ୍ଟିରେ ରଖି, ଏହି ବ୍ୟାଙ୍କ ମଞ୍ଜୁର କରାଯାଇଥିବା ଫ୍ଲୋଟିଂ ବା ପରିବର୍ତ୍ତନଶୀଳ ହାର ଅବଧିଯୁକ୍ତ ଋଣରେ ବ୍ୟବସାୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ପାଇଁ, ବ୍ୟକ୍ତିଗତ ଋଣଗ୍ରହିତାଙ୍କୁ ସହ ଦାୟ ଗ୍ରହଣକାରୀ (ବୃନ୍ଦ)ଙ୍କ ସହିତ ବା ବ୍ୟତୀତ, ପ୍ରାକ୍ ପୈଠ ଜରିମାନା/ଆଗୁଆ ସମାପ୍ତି ଦେୟ ଚାର୍ଜ କରିବ ନାହିଁ।

**ଋଣ ସମାପ୍ତ ହେବା ପରେ ବନ୍ଧକ ସିକ୍ୟୁରିଟି ମୁକ୍ତ କରିବା**

ଏହି ବ୍ୟାଙ୍କ ଋଣର ପରିମାଣ ପାଇବା ପରେ କିମ୍ବା ଋଣ ଆଦାୟ ହେବା ପରେ, ଏହିକି ଯେ ବ୍ୟାଙ୍କର ଅନ୍ୟ କୌଣସି ବୈଧାନିକ ଅଧିକାର କିମ୍ବା ଲିଏନ୍ ଯାହାକି ଋଣଗ୍ରହିତାଙ୍କ ବିରୋଧରେ ବ୍ୟାଙ୍କର ଥାଇପାରେ ଆଦାୟ ହେବା ପରେ ସମସ୍ତ ବନ୍ଧକ ମୁକୁଳାଇ ଦେବା ଏହି ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ସମସ୍ତ ସିକ୍ୟୁରିଟି ବା ବନ୍ଧକ/ବନ୍ଧକ ରଖାଯାଇଥିବା ସମ୍ପତ୍ତିର ଦଲିଲ/ମାଲିକାନା ସ୍ୱତ୍ୱ ରାଜିନାମା ସମ୍ମତ ହୋଇଥିବା ବା ଚୁକ୍ତିଭୁକ୍ତ ସମସ୍ତ ବକେୟା ପରିଶୋଧ ହେବାର 15 ଦିନ ମଧ୍ୟରେ ଫେରସ୍ତ କରିବ, ଏହିକି ଯେ ଏପରି ଗ୍ରାହକଙ୍କ ବିରୋଧରେ ବ୍ୟାଙ୍କର ଅନ୍ୟ କୌଣସି ଦାବି ପାଇଁ ବୈଧାନିକ ଅଧିକାର ବା ଲିଏନ୍ ରହିଥିବା ଅନୁଯାୟୀ ଏହି ବ୍ୟାଙ୍କ୍ ଯଦି ସେଟ୍ ଅଫ୍ ଅଧିକାର ପ୍ରୟୋଗ କରିବାକୁ ସ୍ଥିର କରେ ତେବେ ଋଣଗ୍ରହିତାଙ୍କୁ ବିଜ୍ଞପ୍ତି ପ୍ରଦାନ କରିବା ଏହି ବିଜ୍ଞପ୍ତିରେ ଅବଶିଷ୍ଟ ଦାବି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ରହିବ ଏବଂ କେଉଁ ଦଲିଲ୍ ଅଧିନରେ ବ୍ୟାଙ୍କ୍ ଯଥାର୍ଥ ଦାବି ବନ୍ଦୋବସ୍ତ/ ପୈଠ ପର୍ଯ୍ୟନ୍ତ ବନ୍ଧକ ରଖିବା ପାଇଁ ହକ୍‌ଦାର ସୂଚିତ କରାଯିବ।

**ଗ୍ରାହକଙ୍କ ଆପତ୍ତି ଶୁଣାଣି**

ଏହି ବ୍ୟାଙ୍କରେ ଋଣଗ୍ରହିତାବୃନ୍ଦଙ୍କର ଆପତ୍ତି ଶୁଣାଣି ପାଇଁ ଏକ ପ୍ରତିଷ୍ଠିତ ବ୍ୟବସ୍ଥା ରହିଛି, ଯାହାର ବିସ୍ତୃତ ବିବରଣୀ ୱେବସାଇଟରେ ଗ୍ରାହକଙ୍କ ଆପତ୍ତି ଶୁଣାଣି ନୀତିରେ ହୋଷ୍ଟ କରାଯାଇଛି ଏବଂ ବ୍ୟାଙ୍କର ଶାଖାଗୁଡ଼ିକରେ ଉପଲବ୍ଧ କରାଯାଇଛି।
ଋଣଦାତାମାନଙ୍କ ପାଇଁ ନିରପେକ୍ଷ ଆଚରଣ ସଂହିତା (ଏଫପିସି) ଅନୁପାଳନର ଏବଂ ଆପତ୍ତି ଶୁଣାଣି ବ୍ୟବସ୍ଥାର କାର୍ଯ୍ୟକାରିତାର ଏକ ବାର୍ଷିକ ସମୀକ୍ଷା ବ୍ୟାଙ୍କର ବୋର୍ଡର ଗ୍ରାହକ ସେବା କମିଟି ନିକଟରେ ଉପସ୍ଥାପନ କରାଯିବ।

**ମୂଳ ନିର୍ଦ୍ଦେଶିକା - ନିୟାମକ ଢାଞ୍ଚା ମାଇକ୍ରୋ ଫାଇନାନ୍ସ ଋଣ ମାର୍ଚ୍ଚ 14, 2020କୁ ଦୃଷ୍ଟି ରଖି ଋଣଦାତାଙ୍କ ପାଇଁ ନିରପେକ୍ଷ ଆଚରଣ ସଂହିତାରେ ଉନ୍ନତି ।**

ଉକ୍ତ ମୁଖ୍ୟ ନିର୍ଦ୍ଦେଶିକା ଅନୁଯାୟୀ, ମାଇକ୍ରୋ ଫାଇନାନ୍ସ ଋଣକୁ ଯେଉଁ ଗୃହର ବାର୍ଷିକ ଆୟ ₹3,00,000 ପର୍ଯ୍ୟନ୍ତ ହୋଇଥାଏ ସେହି ଗୃହକୁ ଏକ ବନ୍ଧକମୁକ୍ତ ଋଣ ଭାବରେ ଦିଆଯାଉଥିବା ଋଣକୁ ସୂଚିତ କରାଯାଇଛି । ଏହି ମୂଳ ନିର୍ଦ୍ଦେଶିକା ବ୍ୟାଙ୍କଗୁଡ଼ିକ ପାଇଁ ଆବଶ୍ୟକ ଅନୁପାଳନ ନିମ୍ନରେ ଦିଆଯାଇଥିବା ଅନୁଯାୟୀ ଧାର୍ଯ୍ୟ କରିଛି ।
1. ଏହି ବ୍ୟାଙ୍କ୍ ମାନକୀକୃତ ସରଳୀକୃତ ଘଟଣା ପୃଷ୍ଠାରେ ସମ୍ଭାବ୍ୟ ଋଣଗ୍ରହିତାଙ୍କୁ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସୂଚନା ପ୍ରକାଶ କରିବ। ବିସ୍ତୃତ ଘଟଣାପୃଷ୍ଠା ପାଇଁ ସଂଯୋଜନ 1 ଦେଖନ୍ତୁ।
2. ବ୍ୟାଙ୍କ୍ ଏବଂ/କିମ୍ବା ଏହାର ଅଂଶୀଦାର/ଏଜେଣ୍ଟଙ୍କୁ ଋଣଗ୍ରହିତାଙ୍କ ଦ୍ଵାରା ପୈଠ କରାଯିବାକୁ ଥିବା କୌଣସି ଫି ପ୍ରକାଶ୍ୟରେ ଏହି ଫ୍ୟାକ୍ଟସିଟ୍ (ସୂଚନା ପୃଷ୍ଠା)ରେ ପ୍ରକାଶ କରାଯିବ। ଏହି ଋଣଗ୍ରହିତାଙ୍କୁ ଏହି ଫ୍ୟାକ୍ଟସିଟ୍ (ସୂଚନା ପୃଷ୍ଠା)ରେ ପ୍ରକାଶ୍ୟରେ ଦର୍ଶାଯାଇନଥିବା କୌଣସି ପରିମାଣ ଚାର୍ଜ କରାଯିବ ନାହିଁ।
3. ମାଇକ୍ରୋ ଫାଇନାନ୍ସ ଋଣ ଉପରେ କୌଣସି ପ୍ରାକ୍ ପୈଠ ଜରିମାନା ରହିବ ନାହିଁ। ବିଳମ୍ବରେ ପୈଠ ପାଇଁ ଜରିନାମା, ଯଦି କିଛି ଥାଏ, ଅତିରିକ୍ତ ବକେୟା ପରିମାଣ ଉପରେ ପ୍ରୟୋଗ କରାଯିବ ଏବଂ ସମ୍ପୂର୍ଣ୍ଣ ଋଣ ପରିମାଣ ଉପରେ ନୁହେଁ।
4. ବ୍ୟାଙ୍କ୍ ସ୍ପଷ୍ଟ ଭାବରେ ଏହାର ସମସ୍ତ କାର୍ଯ୍ୟାଳୟରେ, ଏହାଙ୍କ ଦ୍ୱାରାଜାରି କରାଯାଇଥିବା ଲେଖା (ସୂଚନା ପୁସ୍ତିକା/ପାମ୍ଫଲେଟ୍) ଏବଂ ଏହାର ୱେବସାଇଟରେ ବିବରଣୀ ସହିତ ମାଇକ୍ରୋଫାଇନାନ୍ସ ଋଣରେ ଚାର୍ଜ କରାଯାଉଥିବା ସର୍ବନିମ୍ନ, ସର୍ବାଧିକ ଏବଂ ହାରାହାରି ସୁଧ ହାର ପ୍ରଦର୍ଶନ କରିବ।
5. ସୁଧ ହାରରେ କୌଣସି ପରିବର୍ତ୍ତନ କିମ୍ବା ଅନ୍ୟ କୌଣସି ଦେୟରେ ପରିବର୍ତ୍ତନ ବିଷୟରେ ଗ୍ରାହକଙ୍କୁ ଯଥେଷ୍ଟ ଆଗୁଆ ଜଣାଇ ଦିଆଯିବ ଏବଂ ଏହି ପରିବର୍ତ୍ତନଗୁଡ଼ିକ କେବଳ ବୈଶିଷ୍ଟ୍ୟଯୁକ୍ତ ଭାବରେ ବଳବତ୍ତର ହେବ।
6. ଋଣଗ୍ରହିତା ବୁଝୁଥିବା ଭାଷାରେ ସମସ୍ତ ଋଣ ପାଇଁ ମାଇକ୍ରୋ ଫାଇନାନ୍ସ ଋଣ ରାଜିନାମାର ଏକ ମାନକ ଫର୍ମ ରହିବ ।
7. ଏହି ବ୍ୟାଙ୍କ୍ ନୋଡାଲ୍ ଅଧିକାରୀଙ୍କର ନାମ ଏବଂ ଯୋଗାଯୋଗ ନମ୍ବର ବିବରଣୀ ସହିତ ଋଣ କାର୍ଡ ପ୍ରଦାନ କରିବ ଏବଂ ଏହି ଋଣ କାର୍ଡରେ ସମସ୍ତ ପ୍ରବେଶଗୁଡ଼ିକ ଏପରି ସୂଚନାକୁ ନେଇ ଗଠିତ ହେବ ଯାହାକି ଯଥାର୍ଥ ଭାବରେ ଋଣଗ୍ରହିତାଙ୍କୁ ଚିହ୍ନିତ କରେ, ମୂଲ୍ୟ ନିର୍ଦ୍ଧାରଣ ଉପରେ ଘଟଣା ପୃଷ୍ଠାକୁ ଅଧିକ ସରଳ କରେ, ଏହି ଋଣସହିତ ସଂଲଗ୍ନ ଅନ୍ୟ ସମସ୍ତ ସର୍ତ୍ତ ଓ ନିୟମାବଳି, ବ୍ୟାଙ୍କ ଦ୍ୱାରା ସମସ୍ତ ପରିଶୋଧର ପ୍ରାପ୍ତି ସ୍ୱୀକାର ସହିତ ପ୍ରାପ୍ତ ହୋଇଥିବା କିସ୍ତି ଓ ଚୂଡ଼ାନ୍ତ ନିଷ୍ପାଦନ ଏବଂ ଆପତ୍ତି ଶୁଣାଣି ବ୍ୟବସ୍ଥାର ବିବରଣୀ ତଥା ନୋଡ଼ାଲ ଅଧିକାରୀଙ୍କର ନାମ ଓ ଯୋଗାଯୋଗ ନମ୍ବରକୁ ଅନ୍ତର୍ଭୁକ୍ତ କରିବ ।
8. ଋଣ କାର୍ଡରେ ସମସ୍ତ ଏଣ୍ଟ୍ରି ବା ପ୍ରବିଷ୍ଟ ଋଣଗ୍ରହିତା ବୁଝୁଥିବା ଭାଷାରେ ହେବା ଉଚିତ୍ ।

9. ଋଣଗ୍ରହୀତାମାନଙ୍କର ସମ୍ପୂର୍ଣ୍ଣ ସମ୍ମତି ସହିତ ଅଣ-ଋଣ ଉତ୍ପାଦଗୁଡିକ ଜାରି କରାଯିବ ଏବଂ ଏପରି ଉତ୍ପାଦ ପାଇଁ ଫି ବା ଦେୟର ସଂରଚନା ପ୍ରକାଶ୍ୟରେ ଏହି ଋଣ କାର୍ଡରେ ହିଁ ଜଣାଇ ଦିଆଯିବ।

10. ଏହି ବ୍ୟାଙ୍କ୍ ମଧ୍ୟ ଏହାର କର୍ମଚାରୀଙ୍କ ଦ୍ୱାରା କିମ୍ବା ବାହାରୁ ଆହରଣ କରାଯାଇଥିବା ଏଜେନ୍ସିର କର୍ମଚାରୀଙ୍କ ଦ୍ୱାରା କୌଣସି ଅସଂଗତ ଆଚରଣ ପାଇଁ ଦାୟୀ ରହିବ ଏବଂ ଯଥା ସମୟରେ ଆପତ୍ତି ଶୁଣାଣି ପ୍ରଦାନ କରିବ ଏବଂ ଏହି ଋଣ ରାଜିନାମାରେ ପ୍ରସ୍ତୁତ କରାଯିବ ଏବଂ ଏହା ମଧ୍ୟ ୱେବସାଇଟ୍ /ଶାଖା ପରିସର/କାର୍ଯ୍ୟାଳୟରେ ରହିବ।

11. ଋଣ ଆଦାୟ ସମ୍ପର୍କିତ ମାର୍ଗଦର୍ଶିକା ଯଥାର୍ଥ ଭାବରେ ବ୍ୟାଙ୍କର ଆଦାୟ ନୀତି ବିଷୟ ଉପରେ ରହିଛି।

**ସଂଯୋଜନ - 1:**

**ମାଇକ୍ରୋ ଫାଇନାନ୍ସ ଋଣ ବା ଅଣୁ ଋଣର ମୂଲ୍ୟାୟନ ସମ୍ପର୍କିତ ବିସ୍ତୃତ ଘଟଣାପୃଷ୍ଠା**

(ଋଣଗ୍ରହିତା ବୁଝୁଥିବା ଏକ ଭାଷାରେ ପ୍ରଦାନ କରାଯିବ)

**ତାରିଖ:** XXX **ଋଣଦାତାଙ୍କର ନାମ:** XXX **ଆବେଦନକାରୀଙ୍କ ନାମ:** XXX

| କ୍ର. ସଂ. | ମାନକ | ବିବରଣୀ |
|---|---|---|
| (i) | ଋଣ ପରିମାଣ (ଋଣଗ୍ରହିତାଙ୍କୁ ବିତରଣ କରାଯାଇଥିବା ପରିମାଣ) (ଟଙ୍କାରେ) | |
| (ii) | ସମୁଦାୟ ଋଣ ଅବଧିରେ ମୋଟ ସୁଧ ଦେୟ (ଟଙ୍କାରେ) | |
| (iii) | ଅନ୍ୟାନ୍ୟ ଆଗୁଆ ଦେୟଗୁଡ଼ିକ (ପ୍ରତ୍ୟେକ ଅଂଶର ବିଭାଜନ ନିମ୍ନରେ ଦିଆଯାଇଛି) (ଟଙ୍କାରେ) | |
| (a) | ପ୍ରକ୍ରିୟାକରଣ ଦେୟ (ଟଙ୍କାରେ) | |
| (b) | ବୀମା ଦେୟଗୁଡ଼ିକ (ଟଙ୍କାରେ) | |
| (C) | ଅନ୍ୟାନ୍ୟ (ଯଦି କିଛି ଥାଏ) (ଟଙ୍କାରେ) | |
| (iv) | ନେଟ୍ ବିତରିତ ପରିମାଣ ((i)-(iii)) (ଟଙ୍କାରେ) | |
| (v) | ଋଣଗ୍ରହିତାଙ୍କ ଦ୍ୱାରା ପୈଠ କରାଯିବାକୁ ଥିବା ମୋଟ ପରିମାଣ ((i), (ii) ଏବଂ (iii)ର ଯୋଗଫଳ) (ଟଙ୍କାରେ) | |
| (vi) | ବଳବତ୍ତର ବାର୍ଷିକ ନିର୍ଦ୍ଧାରିତ ସୁଧ ହାର (ଶତକଡ଼ାରେ) (ମୋଟ ବିତରିତ ପରିମାଣ ଉପରେ ଆଇଆରଆର ବିଧି ଏବଂ ହ୍ରାସିତ ଅବଶିଷ୍ଟ ପଦ୍ଧତି ବ୍ୟବହାର କରି ହିସାବ କରାଯାଇଥାଏ) | |
| (vii) | ଋଣ ଅବଧି (ମାସରେ) | |
| (viii) | ଋଣଗ୍ରହିତାଙ୍କ ଦ୍ୱାରା ପରିଶୋଧର ବାରମ୍ବାରତା | |
| (ix) | ପରିଶୋଧ ପାଇଁ କିସ୍ତିଗୁଡିକର ସଂଖ୍ୟା | |
| (x) | ପରିଶୋଧର ପ୍ରତ୍ୟେକ କିସ୍ତିର ପରିମାଣ (ଟଙ୍କାରେ) | |
| **କଣ୍ଟିଂଜେଣ୍ଟ ବା ଆପାତକାଳୀନ ଦେୟ ବିଷୟରେ ବିବରଣୀ** | | |
| (xi) | ଋଣଦାତା କୌଣସି ସମୟରେ ଋଣ ପ୍ରାକ୍ ପୈଠ କରିବା ପାଇଁ କୌଣସି ଜୋରିମାନା ଚାର୍ଜ କରାଯିବ ନାହିଁ। | |
| (xii) | ବିଳମ୍ବରେ ପୈଠ (ଯଦି କିଛି ଥାଏ) ଘଟଣାରେ ଦଣ୍ଡ ଦେୟଗୁଡ଼ିକ | |
| (xiii) | ଅନ୍ୟାନ୍ୟ ଦେୟଗୁଡିକ (ଯଦି କିଛି ଥାଏ) | |

**ପୁଙ୍ଖାନୁପୁଙ୍ଖ ପରିଶୋଧ ସୂଚୀ**

| କିସ୍ତି ସଂଖ୍ୟା | ବକେୟା ମୂଳ (ଟଙ୍କାରେ) | ମୂଳ (ଟଙ୍କାରେ) | ସୁଧ (ଟଙ୍କାରେ) | କିସ୍ତି (ଟଙ୍କାରେ) |
|---|---|---|---|---|